**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୧.୭୧ • ପାଉଣ୍ଡ ୧୨୧.୫୩
- ୟୁରୋ ୧୦୫.୩୯ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୧,୪୫୦ (ଭୁବନେଶ୍ୱର)
- ରୁପା : ୩,୩୨,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୩୦୭.୦୦
- ନିଫ୍ଟି ୨୫,୨୮୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଆମେରିକା ଚାପରେ ନଇଁଲା ଭାରତ

## ରୁଷରୁ ତେଲ ଆମଦାନୀ ବନ୍ଦ; ଗୁଆନା,ଇରାକ୍, ସାଉଦି ଆରବ,ନାଇଜେରିଆ ନୂଆ ଠିକଣା



**ନୂଆଦିଲ୍ଲୀ,୨୨।୧(ଏଜେନ୍ସି):** ରୁଷ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଟକଣା ରୁଷରୁ ଅଶୋଧିତ ତୈଳ ଯୋଗାଣକୁ ପ୍ରଭାବିତ କରିଛି। ଏହି ଅଭାବ ପୂରଣ କରିବା ପାଇଁ ଭାରତୀୟ ରିଫାଇନାରୀଗୁଡ଼ିକ ଏବେ ଅନ୍ୟ ଦେଶଗୁଡ଼ିକରୁ ତେଲ କିଣିବା ଉପରେ ଜୋର ଦେଉଛନ୍ତି। ରୁଷୀୟ ତୈଳର ହ୍ରାସ ପାଉଥିବା ଉପଲବ୍ଧତାକୁ ପୂରଣ କରିବା ପାଇଁ ସେମାନେ ସେମାନଙ୍କର ତେଲ କ୍ରୟ ରଣନୀତିକୁ ଦ୍ରୁତ ଗତିରେ ସଜାଡୁଛନ୍ତି। ଭାରତର ଅଶୋଧିତ ତୈଳ ଆମଦାନୀ ଢାଞ୍ଚାରେ ପରିବର୍ତ୍ତନର ପୂର୍ଣ୍ଣ ମୂଲ୍ୟାଙ୍କନ କେବଳ ମାସ ଶେଷ ସୁଦ୍ଧା ସମ୍ଭବ ହେବ। ତଥାପି, ପ୍ରାରମ୍ଭିକ ତଥ୍ୟ ସୂଚାଇ ଦିଏ ଯେ ରୁଷୀୟ ତୈଳ ଯୋଗାଣ ହ୍ରାସ ଏବଂ ଆମେରିକାର ଚାପ ବୃଦ୍ଧି ଯୋଗୁଁ ଅନିଶ୍ଚିତତା ବୃଦ୍ଧି ପାଇବା ସହିତ, ରିଫାଇନାରୀଗୁଡ଼ିକ ଅତିରିକ୍ତ ଚାହିଦା ପୂରଣ କରିବା ପାଇଁ ନୂତନ କିମ୍ବା ପୂର୍ବରୁ କମ୍ କ୍ରୟ କରୁଥିବା ଦେଶଗୁଡ଼ିକରୁ ଅଧିକ କ୍ରୟ କରୁଛନ୍ତି। ମୋଟାମୋଟି ଭାବେ ଟ୍ରମ୍ପ ପ୍ରଶାସନର ଚାପ ଆଗରେ ମୁଣ୍ଡ ନୁଆଁଇଲା ଭାରତ। ରୁଷରୁ ତେଲ ଆମଦାନୀ ବନ୍ଦ ହୋଇଯାଇଥିବାବେଳେ ଗୁଆନା,ଇରାକ୍, ସାଉଦି ଆରବ,ନାଇଜେରିଆ ଏବେ ଦେଶକୁ ତୈଳ ଆମଦାନୀର ନୂଆ ଠିକଣା ହୋଇଛି।

ଚଳିତ ଆର୍ଥିକବର୍ଷର ଜାନୁଆରୀ ପ୍ରଥମାର୍ଦ୍ଧରେ କେବଳ ଇଣ୍ଡିଆନ୍ ଅଏଲ୍, ନାଏରା ଏନର୍ଜି ଏବଂ ଭାରତ ପେଟ୍ରୋଲିୟମ୍ ରୁଷୀୟ ତୈଳ କିଣିଥିଲେ। ଗତ ବର୍ଷ ରୁଷୀୟ ଅଶୋଧିତ ତୈଳର ସର୍ବାଧିକ କ୍ରେତା ଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏହି ସମୟ ମଧ୍ୟରେ ରୁଷୀୟ ତୈଳ କିଣି ନ ଥିଲା। ସେହିପରି, ହିନ୍ଦୁସ୍ତାନ ପେଟ୍ରୋଲିୟମ୍, ଏଚ୍‌ପିଏଲ୍ ମିତ୍ତଲ ଏନର୍ଜୀ ଏବଂ ମାଙ୍ଗାଲୋର ରିଫାଇନେରୀ ମଧ୍ୟ ରୁଷୀୟ ତେଲ ହ୍ରାସ କରିଛନ୍ତି। ରୁଷ ଭାରତର ଅଶୋଧିତ ତୈଳର ସର୍ବବୃହତ ଉତ୍ସ। ଜାନୁଆରୀ ପ୍ରଥମାର୍ଦ୍ଧରେ ଭାରତ ରୁଷରୁ ଦୈନିକ ପ୍ରାୟ ୧.୧୭୯ ନିୟୁତ ବ୍ୟାରେଲ ତେଲ ଆମଦାନୀ କରିଥିଲା। ତଥାପି, ଏହି ପରିମାଣ ପୂର୍ବ ମାସ ତୁଳନାରେ ପ୍ରାୟ ୩%କମ୍ ଏବଂ ୨୦୨୫ହାରାହାରି ତୁଳନାରେ ପ୍ରାୟ ୩୦% କମ୍ ଥିଲା। ତଥାପି, ଭାରତ ତାର ତୈଳ କ୍ରୟରେ ବିବିଧତା କରୁଛି। ରୁଷରୁ ତୈଳ ପ୍ରବାହ ହ୍ରାସ ପାଇବା ସହିତ, ଭାରତୀୟ ରିଫାଇନାରୀଗୁଡ଼ିକ ଯୋଗାଣ ଅଭାବ ପୂରଣ କରିବା ପାଇଁ ଗୁଆନା ଆଡକୁ ମୁହାଁଇଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଦୁଇ ବର୍ଷର ବ୍ୟବଧାନ ପରେ ଭାରତୀୟ ରିଫାଇନାରୀଗୁଡ଼ିକ ଗୁଆନାରୁ ସେମାନଙ୍କର ପ୍ରଥମ ତୈଳ ଉଠାଇଛନ୍ତି। ଏହାସହିତ, ଭାରତ ଜାନୁଆରୀରେ ପ୍ରବଳ ଘରୋଇ ଇନ୍ଧନ ଚାହିଦା ପୂରଣ କରିବା ପାଇଁ ସାଉଦି ଆରବରୁ ଏହାର କ୍ରୟ ପ୍ରାୟ ଏକ ତୃତୀୟାଂଶ ବୃଦ୍ଧି କରିଛି। କେପ୍‌ଲରର ତଥ୍ୟ ଅନୁଯାୟୀ, ମାସର ପ୍ରଥମାର୍ଦ୍ଧରେ ରିଫାଇନାରୀଗୁଡ଼ିକ ଗୁଆନାରୁ ପ୍ରତିଦିନ ପ୍ରାୟ ୨୯୭,୦୦୦ ବ୍ୟାରେଲ ତେଲ କିଣିଥିଲେ। ଗୁରୁତ୍ୱପୂର୍ଣ୍ଣ ତୈଳ ଆବିଷ୍କାର ଏବଂ ଉତ୍ପାଦନରେ ତୀବ୍ର ବୃଦ୍ଧି ଯୋଗୁଁ ଦକ୍ଷିଣ ଆମେରିକୀୟ ଦେଶ ଦ୍ରୁତ ଗତିରେ ଏକ ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ଭାବରେ ଉଭା ହେଉଛି। ଏହି ମାସରେ ସାଉଦି ଆରବ ଏବଂ ଇରାକ ଭଳି ପଶ୍ଚିମ ଏସୀୟ ଉତ୍ପାଦକଙ୍କଠାରୁ ମଧ୍ୟ ଅଶୋଧିତ ତୈଳ କିଣାଯାଇଥିଲା, ନାଇଜେରିଆ ଏବଂ ଆଙ୍ଗୋଲା ଭଳି ଆଫ୍ରିକୀୟ ଯୋଗାଣକାରୀଙ୍କଠାରୁ ଆମଦାନୀ ବୃଦ୍ଧି ପାଇଥିଲା। ଆହୁରିମଧ୍ୟ ଭାରତ ପାଇଁ ଦ୍ୱିତୀୟ ବୃହତ ତୈଳ ଯୋଗାଣକାରୀ ପାଲଟିଥିବା ଇରାକ୍‌ରୁ ଆମଦାନୀ ମାସିକ ୧୮% ବୃଦ୍ଧି ପାଇ ପ୍ରାୟ ୧.୦୭୧ ନିୟୁତ ବିପିଡି ହୋଇଛି, ଯେତେବେଳେ ସାଉଦି ଆରବରୁ କ୍ରୟ ୩୬% ବୃଦ୍ଧି ପାଇ ପ୍ରାୟ ୯୫୪,୦୦୦ ବିପିଡି ହୋଇଛି। ନାଇଜେରିଆରୁ ଭାରତକୁ ରପ୍ତାନି ପ୍ରାୟ ଦ୍ୱିଗୁଣିତ ହୋଇ ପ୍ରାୟ ୩୦୫,୦୦୦ ବିପିଡି ହୋଇଥିବାବେଳେ ଆଙ୍ଗୋଲାରୁ ପରିମାଣ ପ୍ରାୟ ତିନିଗୁଣ ବୃଦ୍ଧି ପାଇ ପ୍ରାୟ ୧୯୫,୦୦୦ ବିପିଡି ହୋଇଛି। ଅପରପକ୍ଷେ ୟୁଏଇରୁ ଅଶୋଧିତ ତୈଳ ପ୍ରବାହ ୪୦% ହ୍ରାସ ପାଇ ପ୍ରାୟ ୩୫୨,୦୦୦ ବିପିଡି ହୋଇଛି।

## ବଢୁଛି ଫର୍ଣ୍ଣିଚର, ଇଣ୍ଟେରିୟର ଏବଂ ଲାଇଫଷ୍ଟାଇଲ୍ ଏକ୍ସପୋର ଚାହିଦା



**ଭୁବନେଶ୍ୱର, ୨୨।୧ (ସମିସ):** ଭୁବନେଶ୍ୱର ଡମଣା ଛକ ନିକଟସ୍ଥ କ୍ଲବ୍ ଟାଉନ ପଡିଆଠାରେ ଆୟୋଜିତ ୨ୟ ଫର୍ଣ୍ଣିଚର, ଇଣ୍ଟେରିୟର ଏବଂ ଲାଇଫଷ୍ଟାଇଲ୍ ଏକ୍ସପୋ-୨୦୨୬"ରେ ପ୍ରବଳ ଜନ ସମାଗମ ପରିଲକ୍ଷିତ ହୋଇଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ଏହି ୧୧ ଦିନିଆ ମେଳା ରାଜଧାନୀବାସୀଙ୍କ ପାଇଁ ନୂତନ ବର୍ଷର ଏକ ପ୍ରମୁଖ ଆକର୍ଷଣ ସାଜିଛି। ବିଗତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା ପରିପ୍ରେକ୍ଷୀରେ ପୁଣି ଥରେ ସେହି ସବୁ ସାମଗ୍ରୀ ଗୁଡ଼ିକ ଏହି ମେଳାରେ ଉପଲବ୍ଧ କରାଯାଇଛି। ଗୋଟିଏ ସ୍ଥାନରେ ବିଶ୍ୱର ବଛା ବଛା ଉତ୍ପାଦ ସ୍ଥାନ ପାଇଛି, ଏହି ବର୍ଷର ଏକ୍ସପୋରେ ଭାରତର ୨୨ଟି ରାଜ୍ୟ ଏବଂ ୧୦ଟି ବିଦେଶୀ ରାଷ୍ଟ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିଛନ୍ତି। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ମଧ୍ୟରେ ପାରମ୍ପରିକ ହସ୍ତଶିଳ୍ପ ଓ ଆଧୁନିକ ଜୀବନଶୈଳୀ ସାମଗ୍ରୀର ଏକ ସୁନ୍ଦର ସମ୍ମିଶ୍ରଣ ଦେଖିବାକୁ ମିଳୁଛି। ବିଶେଷ କରି ନୂତନ ଓ କ୍ଷିପ୍ର ଗତିରେ ବଢୁଥିବା ସହର ଓ ଜୀବନ ଶୈଳୀକୁ ଖାପ ଖୁଆଇ ଓ ପକେଟକୁ ସୁହାଇଲା ଭଳି ଦରରେ ଫର୍ଣିଚର ପ୍ରଦର୍ଶିତ ହୋଇଛି। ପ୍ରଦର୍ଶନୀରେ କାଶ୍ମୀରୀ କାରୁକାର୍ଯ୍ୟ ଫର୍ଣ୍ଣିଚର, ଆଣ୍ଟିକା ପିସ୍, ସୋଫା ସେଟ୍ ଏବଂ ପାରମ୍ପରିକ ଝୁଲା, ଆଫଗାନିସ୍ତାନର ୧୦୦ ପ୍ରକାରର ଶୁଖିଲା ଫଳ, ଜର୍ମାନୀ ଲ୍ୟାମ୍ପ, ଇରାନର ଖଜୁରୀ ଓ ଅତର, ଥାଇଲ୍ୟାଣ୍ଡର ଅଳଙ୍କାର ଏବଂ କୋରିଆର ଲେଡିଜ୍ ଆକ୍ସେସୋରିଜ୍, କୋରିଆନ୍ ଆକ୍ସେସୋରିଜ୍, ଦୁବାଇର ପୋଷାକ ଏବଂ ଥାଇଲ୍ୟାଣ୍ଡର ଅଳଙ୍କାର ଆକର୍ଷଣ ସାଜିଛି।

## ଦୃଷ୍ଟିବାଧିତଙ୍କ ପାଇଁ ନୀତା ଅମ୍ବାନୀଙ୍କ ସହାୟତା



**ମୁମ୍ବଇ,୨୨।୧:** ନ୍ୟାସନାଲ୍ ଆସୋସିଏସନ୍ ଫର୍ ଦି ବ୍ଲାଇଣ୍ଡ (ଏନଏବି) ଇଣ୍ଡିଆର ୭୫ତମ ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଅମ୍ବାନୀ ଦୃଷ୍ଟିବାଧିତଙ୍କ ପାଇଁ ରିଲାଏନ୍ସ ଫାଉଣ୍ଡେସନ୍ ପକ୍ଷରୁ ୫ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଘୋଷଣା କରିଛନ୍ତି। ଏହି ସହାୟତା ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ପ୍ରଦାନ କରାଯିବ। ଏହି ଅବସରରେ, ନୀତା ଅମ୍ବାନୀ କହିଥିଲେ ଯେ ରିଲାଏନ୍ସ ଫାଉଣ୍ଡେସନର "ଦୃଷ୍ଟି କାର୍ଯ୍ୟକ୍ରମ" ଅଧୀନରେ ଏନଏବି ସହିତ ମିଳିତ ଭାବରେ ଏପର୍ଯ୍ୟନ୍ତ ଶିକ୍ଷା, ଜୀବିକା ଏବଂ ଚକ୍ଷୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରାଯାଇଛି। ୨୦୦,୦୦୦ରୁ ଅଧିକ ଚକ୍ଷୁ ପରାମର୍ଶ ଏବଂ ୨୨,୦୦୦ ରୁ ଅଧିକ ବ୍ୟକ୍ତିଙ୍କୁ କର୍ଣ୍ଣିଆ ପ୍ରତିରୋପଣ ଏବଂ ଚକ୍ଷୁ ଅସ୍ତ୍ରୋପଚାର ମାଧ୍ୟମରେ ଦୃଷ୍ଟି ଉପହାର ଦିଆଯାଇଛି।

## ଅଲ୍-ନ୍ୟୁ ଟାଟା ପଞ୍ଚ୍ କମାଣ୍ଡ ମ୍ୟାକ୍ସ




**ମୁମ୍ବଇ, ୨୨।୧:** ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ ଲିମିଟେଡ୍ (ଟିଏମ୍‌ପିଭି) ଏକ ନୂତନ, ଦ୍ରୁତ, ସ୍ମାର୍ଟ ଏବଂ ବୋଲ୍ଡ ଅବତାରରେ ଭାରତର ସବୁଠାରୁ ପ୍ରିୟ ଏସୟୁଭି ବଜାରକୁ ଛାଡିବାକୁ ଘୋଷଣା କରିଛି। ନୂତନ ଟାଟା ପୁଞ୍ଚ ଏହାର ଅନନ୍ୟ କମାଣ୍ଡ ମ୍ୟାକ୍ସ ଅଧୀନରେ ଅପୂର୍ବ ଶକ୍ତି, ଉନ୍ନତ ଆରାମ, ଅତ୍ୟାଧୁନିକ ଜ୍ଞାନକୌଶଳ ସହ ବଜାରକୁ ଆସୁଛି। ଏହାର ପ୍ରାରମ୍ଭିକ ମୂଲ୍ୟ ମାତ୍ର ୫.୫୯ ଲକ୍ଷ (ଏକ୍ସ ଶୋ'ରୁମ୍, ନୂଆଦିଲ୍ଲୀ) ଟଙ୍କାରେ ଉପଲବ୍ଧ। ୨୦୨୧ ଅକ୍ଟୋବରରେ ବଜାରକୁ ଆସିବା ସହିତ ସବ୍‌କମ୍ପାକ୍ଟ ଏସୟୁଭି ବର୍ଗକୁ ଆଗକୁ ନେଇଛି। ନୂତନ ଟାଟା ପଞ୍ଚ୍ ଦୁଇଟି ଉନ୍ନତ ପାୱାର୍ ଟ୍ରେନ୍ ବିକଳ୍ପ ପ୍ରବର୍ତ୍ତନ କରି ଶିଳ୍ପ ମାନଦଣ୍ଡ ସୃଷ୍ଟି କରିଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୫.୫୯ ଲକ୍ଷ ଟଙ୍କାରୁ ଆରମ୍ଭ।

**ଗ୍ରୀନଲ୍ୟାଣ୍ଡ ସଙ୍କଟ**

## ୟୁରୋପର 'ସେଲ୍ ଆମେରିକା' ପ୍ଲାନ୍

**ନୂଆଦିଲ୍ଲୀ,୨୨।୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନଲ୍ୟାଣ୍ଡ ଅକ୍ତିଆର କରିବାକୁ ଆଗ୍ରହୀ। ୟୁରୋପୀୟ ସଂଘ ମଧ୍ୟ ଏହି ପ୍ରସଙ୍ଗରେ ପଛଘୁଞ୍ଚା ଦେବାକୁ ଇଚ୍ଛୁକ ନୁହେଁ। ୟୁରୋପୀୟ ସଂଘ ଆମେରିକା ସହିତ ଏକ ବାଣିଜ୍ୟ ଚୁକ୍ତି ଉପରେ କାମ ବନ୍ଦ କରିଦେଇଛି। ଗ୍ରୀନଲ୍ୟାଣ୍ଡ ବର୍ତ୍ତମାନ ଡେନମାର୍କ ଦ୍ୱାରା ନିୟନ୍ତ୍ରିତ। ଟ୍ରମ୍ପ ଏହାକୁ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି। ଯଦି ଏହି ସମସ୍ୟା ବୃଦ୍ଧି ପାଏ ତେବେ ଏହା ଆମେରିକାରେ ୧୦ ଟ୍ରିଲିୟନ ଡଲାର ନିବେଶକୁ ବିପଦରେ ପକାଇପାରେ, ଯାହା ଆମେରିକାର ଜିଡିପିର ଏକ ତୃତୀୟାଂଶ ସହିତ ସମାନ। ୟୁରୋପର ଆମେରିକା ପ୍ରତି ଆର୍ଥିକ ଏକ୍ସପୋଜର କେବେ ଅଧିକ ହୋଇନାହିଁ। ୟୁରୋପୀୟ ସଂଘ ନିବେଶକମାନେ ଆମେରିକୀୟ ସମ୍ପତ୍ତିରେ ୧୦ ଟ୍ରିଲିୟନ ଡଲାର ରଖିଛନ୍ତି। ୟୁରୋପୀୟ ନିବେଶକମାନେ ଆମେରିକାର ଇକ୍ୱିଟିରେ ୬ ଟ୍ରିଲିୟନ ଡଲାର ଅଂଶ ରଖିଛନ୍ତି, ଯାହା ଆମେରିକାରେ ୟୁରୋପୀୟ ସଂଘ ନିବେଶକଙ୍କ ମୋଟ ହୋଲ୍ଡିଂର ୫୮% ପ୍ରତିନିଧିତ୍ୱ କରେ। ସେହିପରି, ୟୁରୋପୀୟ ନିବେଶକମାନେ ଟ୍ରେଜେରୀରେ ୨ ଟ୍ରିଲିୟନ ଡଲାର କିମ୍ବା ୧୯% ରଖିଛନ୍ତି। ତେଣୁ ଏପରି ସମୟରେ ୟୁରୋପ 'ସେଲ୍ ଆମେରିକା' ପ୍ଲାନ୍ ରଖିଛି। ଏଥିରେ ଆମେରିକାର ଟ୍ରେଜେରୀ ବଣ୍ଡରେ ଥିବା ଅଂଶଧନକୁ ୟୁରୋପୀୟ ରାଷ୍ଟ୍ରଗୁଡକି ବିକ୍ରି କରିବାକୁ ଯୋଜନା ରଖଇଛନ୍ତି।

**ବିପଦରେ ୧୦ ଟ୍ରିଲିୟନ ଡଲାର ନିବେଶ**

**ଆମେରିକାର ଟ୍ରେଜେରୀରେ ୟୁରୋପୀୟ ରାଷ୍ଟ୍ରଙ୍କ ଅଂଶଧନ କମୁଛି**

**ଭାରତ ବି ନିଜ ଅଂଶ ହ୍ରାସ କରିଛି**

**ଧ୍ୱଂସ ପାଇବ ଆମେରିକା ଅର୍ଥନୀତି**

ଯଦି ୟୁକେ, ନରୱେ ଏବଂ ସ୍ୱିଜରଲ୍ୟାଣ୍ଡକୁ ସାମିଲ କରାଯାଏ, ତେବେ ୟୁରୋପର ଆମେରିକାର ଟ୍ରେଜେରୀରେ ହୋଲ୍ଡିଂ ୪୦%ରେ ପହଞ୍ଚିବ। ଆମେରିକା ସରକାରଙ୍କ ତଥ୍ୟ ଅନୁଯାୟୀ, ୟୁରୋପୀୟ ସଂଘର ନିବେଶକମାନେ ମଧ୍ୟ ଆମେରିକାର କର୍ପୋରେଟ୍ ଏବଂ ଅନ୍ୟାନ୍ୟ ବଣ୍ଡରେ ୨ ଟ୍ରିଲିୟନ ଡଲାର ରଖିଥାନ୍ତି, ଯେତେବେଳେ କି ଏଜେନ୍ସି ବଣ୍ଡଗୁଡ଼ିକ ୨୨୫ ବିଲିୟନ ଡଲାର ରଖିଥାନ୍ତି। ଯଦି ୟୁରୋପୀୟ ଦେଶଗୁଡ଼ିକ ଆମେରିକାର ଋଣ ବଜାରରୁ ସେମାନଙ୍କର ହୋଲ୍ଡିଂ ପ୍ରତ୍ୟାହାର କରି ନିଅନ୍ତି, ତେବେ ଆମେରିକା ଅସୁବିଧାର ସମ୍ମୁଖୀନ ହୋଇପାରେ। ଏହି ସମୟରେ, ଡେନମାର୍କର ଆମେରିକାର ଟ୍ରେଜେରୀ ହୋଲ୍ଡିଂ ଅଂଶ ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି, ଯାହା ମାତ୍ର ୯ ବିଲିୟନ ଡଲାରକୁ ହ୍ରାସ ପାଇଛି, ଯାହା ବିଗତ ୧୪ ବର୍ଷ ମଧ୍ୟରେ ସର୍ବନିମ୍ନ। ଗତ ବର୍ଷ, ଡେନମାର୍କ ଏହାର ଆମେରିକାର ଟ୍ରେଜେରୀ ହୋଲ୍ଡିଂ ୪ ବିଲିୟନ ଡଲାର କିମ୍ବା ୩୦% ହ୍ରାସ କରିଛି। ୨୦୧୬ ପରଠାରୁ ଡେନମାର୍କ ଏହାର ହୋଲ୍ଡିଂକୁ ଅଧା କରିଦେଇଛି। ଆମେରିକାର ଟ୍ରେଜେରୀରେ ଡେନମାର୍କର ହୋଲ୍ଡିଂ ମୋଟ ୟୁରୋପୀୟ ହୋଲ୍ଡିଂର କେବଳ ୧%। ସମ୍ପ୍ରତି, ଭାରତ ସମେତ ଅନେକ ଦେଶ ଆମେରିକାର ଋଣ ବଜାରରେ ସେମାନଙ୍କର ଅଂଶ ହ୍ରାସ କରିଛନ୍ତି।

### ଆମେରିକାର ବଣ୍ଡ ବିକ୍ରି କଲେ ବଡ଼ ପ୍ରତିଶୋଧ ନେବୁ:ଟ୍ରମ୍ପ

**ନୂଆଦିଲ୍ଲୀ,୨୨।୧(ଏଜେନ୍ସି):** ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ପ୍ରସଙ୍ଗରେ ପୁନର୍ବାର ୟୁରୋପୀୟ ଦେଶଗୁଡ଼ିକକୁ ଧମକ ଦେଇଛନ୍ତି। ସେ କହିଛନ୍ତି ଯେ, ଯଦି ଏହା ହୁଏ, ତେବେ ଆମେ ବଡ଼ ପ୍ରତିଶୋଧ ନେବୁ। ଟ୍ରମ୍ପ ଗୁରୁବାର ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମରେ ଏକ ଫକ୍ସ ବ୍ୟବସାୟ ସାକ୍ଷାତକାର ସମୟରେ କହିଥିଲେ। ଆମ ପାଖରେ ସମସ୍ତ ବିକଳ୍ପ ଅଛି। ରାଷ୍ଟ୍ରପତିଙ୍କ ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଡେନିସ୍ ପେନସନ୍ ପାଣ୍ଠି ଏକାଡେମିକରପେନସନ୍ ଟ୍ରମ୍ପଙ୍କ ନୀତି ସହିତ ଜଡିତ ଋଣ ବିପଦକୁ ଉଦ୍ଧୃତ କରି ଜାନୁଆରୀ ଶେଷ ସୁଦ୍ଧା ଏହାର ସମସ୍ତ ଆମେରିକୀୟ ଟ୍ରେଜେରୀ ହୋଲ୍ଡିଂ ବିକ୍ରି କରିବାକୁ ଯୋଜନା କରୁଛି।

## ଆପୋଲୋ ହସ୍ପିଟାଲରେ ଶିଶୁ ହୃଦ୍ ଅସ୍ତ୍ରୋପଚାର ଅଧିବେଶନ

**ଭୁବନେଶ୍ୱର, ୨୨।୧(ସମିସ):** ଆପୋଲୋ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଆଜି 'ପେଡିଆଟ୍ରିକ୍ ହାର୍ଟ ସର୍ଜରୀ:ସମ୍ଭାବ୍ୟତା ଏବଂ ଆମର ସଫଳତା' ଶୀର୍ଷକ ଏକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରମୁଖ ଚିକିତ୍ସା ବିଶେଷଜ୍ଞମାନେ କ୍ଲିନିକାଲ୍ ମାଇଲଖୁଣ୍ଟ, ଅଭିନବ ଚିକିତ୍ସା ପଦ୍ଧତି ଏବଂ ଜନ୍ମଗତ ହୃଦ୍ ଦୋଷ ସହିତ ଜନ୍ମିତ ପିଲାମାନଙ୍କର ସ୍ୱାସ୍ଥ୍ୟ ପୁନରୁଦ୍ଧାର କରିବାରେ ହସ୍ପିଟାଲର ସଫଳତା ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଭାଷଣ ଦେଇ ଡକ୍ଟର ଆଲୋକ ଶ୍ରୀବାସ୍ତବ ସିଓଓ ଏବଂ ଡିଏମଏସ୍, ଆପୋଲୋ ହସ୍ପିଟାଲ୍ସ ଭୁବନେଶ୍ୱର କହିଛନ୍ତି ଯେ, ଆମର ଲକ୍ଷ୍ୟ ହେଉଛି ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ଲୋକଙ୍କ ପାଇଁ ବିଶ୍ୱସ୍ତରୀୟ ଶିଶୁ ହୃଦ୍ ରୋଗ ଚିକିତ୍ସା ସୁଲଭ କରିବା। ସିଟିଭିଏସ୍‌ର ସିନିୟର କନସଲଟାଣ୍ଟ ଡାକ୍ତର ରଘୁନାଥ ମହାପାତ୍ର ଅଧିକାଂଶ ଜନ୍ମଗତ ହୃଦଘାତ ବର୍ତ୍ତମାନ ଆରୋଗ୍ୟଯୋଗ୍ୟ ବୋଲି ରୋଗୀଙ୍କ ପରିବାରକୁ ଆଶ୍ୱସ୍ତ କରି କହିଥିଲେ। ସଫଳ ଫଳାଫଳର ଚାବିକାଠି ସମୟୋଚିତ ଚିହ୍ନଟ ଏବଂ ସଠିକ୍ ନିର୍ଣ୍ଣୟରେ ରହିଥିବା ଡାକ୍ତର ମହାପାତ୍ର କହିଛନ୍ତି। ପରାମର୍ଶଦାତା - ଶିଶୁ ହୃଦରୋଗ ଡାକ୍ତର ସନ୍ଦୀପ ମହାନ୍ତି କହିଛନ୍ତି ଯେ ହୃଦରୋଗ ସବୁଠାରୁ ସାଧାରଣ ଜନ୍ମଗତ ତ୍ରୁଟି ହୋଇଥିଲେ ମଧ, ଚିକିତ୍ସାର ଉନ୍ନତି ଚିକିତ୍ସାକୁ ପୂର୍ବ ଅପେକ୍ଷା ଅଧିକ ସୁରକ୍ଷିତ ଏବଂ ପ୍ରଭାବଶାଳୀ କରିଛି।



## ଏଡିକନ୍ ୨୦୨୬ ରେ ଟାଟା ପାୱାରର ଓଡ଼ିଶା ଡିସକମ୍‌ଗୁଡିକ ସମ୍ମାନିତ

**ଭୁବନେଶ୍ୱର, ୨୨।୧ (ସମିସ):** ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡ଼ିସକମ ଗୁଡିକ ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ବିଦ୍ୟୁତ ବିତରଣ ସଂସ୍ଥା ଭାବରେ ନିଜର ସ୍ଥାନ ବଜାୟ ରଖିଛନ୍ତି। ବିଦ୍ୟୁତ ବିତରଣ ଶିଳ୍ପ ସମ୍ମିଳନୀ 'ଏଡିକନ୍: ୨୦୨୬' ଅବସରରେ ଏହି କମ୍ପାନୀଗୁଡ଼ିକ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛନ୍ତି। ଏହି ଜାତୀୟ ମଞ୍ଚରେ, ଗ୍ରାମାଞ୍ଚଳରେ ରାଜସ୍ୱ ଆଦାୟ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ପାଇଁ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) କୁ 'ସ୍ୱର୍ଣ୍ଣ ପଦକ' ପ୍ରଦାନ କରାଯାଇଥିବାବେଳେ, ସ୍ମାର୍ଟ ମିଟର ଡାଟାର ସର୍ବୋତ୍ତମ ବ୍ୟବହାର ପାଇଁ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) କୁ 'ରୌପ୍ୟ ପଦକ'ରେ ସମ୍ମାନିତ କରାଯାଇଛି।ନୂଆଦିଲ୍ଲୀରେ ଦୁଇଦିନ ବ୍ୟାପୀ ଆୟୋଜିତ 'ଏଡିକନ ୨୦୨୬'ର ଉଦ୍‌ଘାଟନୀ ଅଧିବେଶନରେ କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହର ଲାଲ ଖଟ୍ଟର ଏହି ପୁରସ୍କାର ପ୍ରଦାନ କରିଥିଲେ।

ଏହି ସମ୍ମାନ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡ଼ିସକମ ଗୁଡ଼ିକର ସୁଦୃଢ଼ ପ୍ରଦର୍ଶନ ଏବଂ ଏକ ଆର୍ଥିକ ଦୃଷ୍ଟିରୁ ସ୍ଥାୟୀ, ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ଏବଂ ଉପଭୋକ୍ତା-କୈନ୍ଦ୍ରିକ ବିଦ୍ୟୁତ ବିତରଣ ବ୍ୟବସ୍ଥା ଗଠନ ଦିଗରେ ଚାଲିଥିବା ପରିବର୍ତ୍ତନର ଯାତ୍ରାକୁ ପୁନଃ ପ୍ରତିପାଦିତ କରିଛି। ଟିପିସିଓଡିଏଲ୍‌କୁ ମିଳିଥିବା ଏହି ସ୍ୱୀକୃତି, ଉନ୍ନତ ପ୍ରକ୍ରିୟା, କ୍ଷେତ୍ର-ସ୍ତରୀୟ ତତ୍ପରତା ଏବଂ ଉପଭୋକ୍ତାଙ୍କ ସହ ନିରନ୍ତର ଯୋଗାଯୋଗ ମାଧ୍ୟମରେ ଗ୍ରାମାଞ୍ଚଳରେ ରାଜସ୍ୱ ଆଦାୟ ପ୍ରକ୍ରିୟାକୁ ସୁଦୃଢ଼ କରିବାରେ କମ୍ପାନୀର ସଫଳତାକୁ ଦର୍ଶାଉଛି।

**ଏଆଇକୁ ନେଇ ବିଲ୍ ଗେଟ୍‌ସଙ୍କ ଚେତାବନୀ**

## ବିପଦରେ ବଡ଼ବଡ଼ିଆ ପଦପଦବୀ



**ନୂଆଦିଲ୍ଲୀ,୨୨।୧(ଏଜେନ୍ସି):** ନିକଟ ଭବିଷ୍ୟତରେ ବିଶ୍ୱ ନିଯୁକ୍ତି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଦେଖିବାର ସମ୍ଭାବନା ଅଛି। ଲୋକଙ୍କ ଚାକିରି ବିପଦରେ ପଡ଼ିପାରେ କାରଣ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆଜି ଏଆଇକୁ ଯେଉଁଭଳି ଭାବରେ ବ୍ୟବହାର କରାଯାଉଛି, ଭବିଷ୍ୟତରେ ତାହା ସମସ୍ତଙ୍କ ପାଇଁ କାଳ ପାଲଟିବ। କାରଣ ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍ସ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ଚାକିରି ପ୍ରତି ସୃଷ୍ଟି ହୋଇଥିବା ବିପଦକୁ ନେଇ ବଡ଼ ଚେତାବନୀ ଦେଇଛନ୍ତି। ଡାଭୋସ୍ ସମ୍ମିଳନୀରେ ଗେଟ୍ସ କହିଛନ୍ତି, "ଆଗାମୀ ୪-୫ବର୍ଷ ମଧ୍ୟରେ ଏଆଇ ସବୁ ବଡ଼ ବଡ଼ିଆ ପଦପଦବୀରେ ଥିବା କର୍ମଚାରୀଙ୍କ ଚାକିରି ଖାଇଯିବ।» ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଶ୍ୱକୁ ଏଆଇ ଦ୍ୱାରା ହେଉଥିବା ସମ୍ଭାବ୍ୟ କ୍ଷତି ବିଷୟରେ ଚେତାବନୀ ଦେଇଛନ୍ତି। ବିଲ୍ ଗେଟ୍ସ ଚେତାବନୀ ଦେଇଛନ୍ତି ଯେ ଏଆଇ ଆଶାଠାରୁ ଅଧିକ ଦ୍ରୁତ ଗତିରେ ନିଯୁକ୍ତି ବଜାରକୁ ପରିବର୍ତ୍ତନ କରିବାକୁ ଯାଉଛି, ଏବଂ ଏଥିପାଇଁ ପ୍ରସ୍ତୁତି କରିବାର ସମୟ ଦ୍ରୁତ ଗତିରେ ସରି ଆସୁଛି। ଆହୁରିମଧ୍ୟ ସେତେବେଳକୁ ସରକାର ଏହି ପରିବର୍ତ୍ତନ ସହିତ ଖାପ ଖୁଆଇ ପାରିବେନାହିଁ।

ସ୍ୱିଜରଲ୍ୟାଣ୍ଡର ଡାଭୋସରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ବିଲ୍ ଗେଟ୍ସ ଚେତାବନୀ ଦେଇଥିଲେ ଯେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଚାକିରି କ୍ଷେତ୍ରକୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ ଆଣିବ। ଭାରତର ଡିଜିଟାଲ୍ ଦକ୍ଷତା ଏବଂ ଏଆଇ ଗ୍ରହଣ କରିବାର ଗତି ପ୍ରଶଂସନୀୟ, ଯାହା ଭାରତ-ଆମେରିକା ସମ୍ପର୍କକୁ ଆହୁରି ମଜବୁତ କରୁଛି। କୃତ୍ରିମ ବୁଦ୍ଧିମତ୍ତା ଆଶାଠାରୁ ଦ୍ରୁତ ଗତିରେ ଆଗକୁ ବଢୁଛି ଏବଂ ଏହାର ସବୁଠାରୁ ବଡ଼ ପ୍ରଭାବ ଚାକିରି ବଜାର ଉପରେ ପଡ଼ିବ, ଯେଉଁଠାରେ ଏହା ମାନବ ମାନବଶକ୍ତିକୁ ସ୍ଥାନ ଦେଇପାରିବ। ବିଶ୍ୱ ଅର୍ଥନୈତିକ ଫୋରମ୍ ବୈଠକରେ, ଗେଟ୍ସ କହିଥିଲେ ଯେ ଆଗାମୀ ୫ ବର୍ଷ ମଧ୍ୟରେ ସରକାରଙ୍କୁ ଆଗକୁ ବଢ଼ି ସମାନତା ସମସ୍ୟାର ସମାଧାନ କରିବାକୁ ପଡିବ। ଚିକିତ୍ସା ସେବା ଠାରୁ ଆରମ୍ଭ କରି ଶିକ୍ଷା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏଆଇର ବ୍ୟବହାର ବୃଦ୍ଧି ପାଇବ। ଯଦି ଏହାକୁ ନିୟନ୍ତ୍ରଣ କରା ନ ଯାଏ, ତେବେ ଏହା କାର୍ଯ୍ୟ କ୍ଷମତା ଏବଂ ନିଯୁକ୍ତି ଢାଞ୍ଚାକୁ ବାଧା ଦେବ। ଏଆଇ ବିପ୍ଳବ ଆଜି ପର୍ଯ୍ୟନ୍ତ ଯେ କୌଣସି ବିପ୍ଳବ ଅପେକ୍ଷା ଅଧିକ ପରିମାଣରେ ପହଞ୍ଚିଛି, ଯାହା ସମାଜର ଏହି କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଛି। ବିଲ୍ ଗେଟ୍ସ କହିଛନ୍ତି ଯେ ଏଆଇ ପୂର୍ବରୁ ସଫ୍ଟୱେର୍ କାର୍ଯ୍ୟକାରିତାକୁ ପରିବର୍ତ୍ତନ କରିସାରିଛି ଏବଂ ଲଜିଷ୍ଟିକ୍ସ ଏବଂ କଲ୍ ସେଣ୍ଟରରେ ଏକ ଭୂମିକା ଗ୍ରହଣ କରୁଛି। ଯଦି କିଛି ସମାଧାନ ନ କରାଯାଏ, ତେବେ ଏହି ପରିବର୍ତ୍ତନ ଅସମାନତାକୁ ଆହୁରି ଘନିଷ୍ଠ କରିପାରେ, ଯାହା କିଛି ଲୋକଙ୍କ ହାତରେ ଧନ ଏବଂ ଚାକିରି ସୁଯୋଗକୁ କେନ୍ଦ୍ରିତ କରିପାରେ। ଏହି ଆହ୍ୱାନଗୁଡ଼ିକର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ଆନ୍ତର୍ଜାତୀୟ ସହଯୋଗ ଅତ୍ୟାବଶ୍ୟକ। କେବଳ ଏକତା ମାଧ୍ୟମରେ ଏହି ପ୍ରଯୁକ୍ତିବିଦ୍ୟା ଏବଂ ଆଗକୁ ଆସୁଥିବା ପରିବର୍ତ୍ତନଗୁଡ଼ିକୁ ଆମେ ଦୂର କରିପାରିବୁ।

